Odisha Police SI

Previous Year Paper


Paper-I

26 Nov, 2023

SEAL

Question Booklet No. **Question Booklet Series** C

Full marks-100 **Roll Number of Candidate**



Time- 90 minutes

READ THE INSTRUCTIONS CAREFULLY BEFORE WRITING ANYTHING ON THIS BOOKLET

1. Please follow "Instructions to Candidate" already uploaded on the candidate portal.
2. Please strictly follow the instructions given by the invigilators and given on the Question Booklet.
3. Before commencing to write anything on this booklet ensure that booklet has 100 (One Hundred) MCQs. That there is no misprint, over-printing and/or any other deficiency either in Question Booklet or in the OMR Answer sheet. If there is any defect, report the same to the invigilator forthwith and get the booklet changed. Only on being fully satisfied fill your details on the OMR Answer sheet. Once the Roll no. has been written on the OMR Answer Sheet, it will normally not be replaced.
4. There are 24 pages in this Question Booklet, out of which page no.1 is "General Instructions" and the last two pages are blanck for rough work.
5. Candidate should mark his/her answer only on the OMR answer sheet, which is being provided separately.
6. Please use blue/black ball point pen ONLY for filling up the details and for marking your answers on the OMR Answer sheet.
7. Mark your answers with utmost care. You are not allowed to change the answer once marked, by adopting any method (including correction fluid, scratching etc).
8. Mark only one answer for each question. If more than one answer is given by you for any question, that answer will be treated as wrong.
9. One mark (1) will be awarded for each correct answer. There will be negative marking of 0.25 for each wrong answer. No marks will be awarded or deducted for unanswered questions.
10. Rough work may be done in the blank space in the question booklet. No other paper will be provided. Please note that it will be your responsibility to carefully hand over your OMR Answer sheet, admit card and copy of identity proof to the invigilator at the end of the examination. If your answer sheet is found missing you will be disqualified.

SEAL

SEAL

Read the passage given below and answer the questions that follow.

My brief introduction to life in prison unravelled for me some of the mysterious ways of British rule. Technically, I was not imprisoned but merely in custody because I was not formally charged; even though I spent the statutory ninety days in prison just like those who were sentenced. The system of classification of the prisoners was based on due respect for social stratification. Those who lived in brick-built houses, and hence considered relatively affluent, enjoyed the privileges of 'B' class. They slept on proper beds and had a daily allowance of one rupee four annas for their food, a princely sum for those days. The jail officials never saw any point in wasting such huge sums on undeserving political prisoners, but the food for the 'B' class prisoners was adequate and edible. There was an 'A' class with the right of getting food sent from home. Inclusion in this privileged category depended on the goodwill of the jail superintendent. Since classification was a matter of social status, it would have looked very odd if my father had not been granted 'A' class. The superintendent hence graciously declared that he could have milk sent from home if he so wished. This generous offer was politely declined.

Those condemned to the lower category, 'C', slept on one blanket on the floor and had another to cover their bodies in winter. Unfortunately, the blankets were inhabited by numberless bedbugs; even if one kept a respectable distance from the said blankets, the bugs marched out in an orderly fashion and invaded one's body. The experience was not pleasant. The half-a-rupee allowance per day for 'C' class prisoners was far from inadequate. But the loyal servants of the Raj would not dream of spending such incredible amounts on the hoi polloi. Hence the food for the 'C' class prisoners was not fit for human consumption. I shall presently explain why. My father was allocated to 'B' class immediately after the arrest ('A' class followed later); it took seven days to determine in what type of house I lived. In my brother's case, it took one month. It is unlikely that the police did not know that all three of us lived in the same house. One was condemned to 'C' class treatment until that relevant fact had been established; evidently a few days in 'C' class was considered a wholesome experience for the very young and/or those suspected of involvement in serious acts of sedition.

A glimpse into prison life, 'C' class, is enlightening. The police arrested me in our house and after several hours in the police station where I was registered as an accused in a case of wire-cutting and theft, I accompanied a single policeman to the prison, walking the two miles. When I was taken to the juvenile ward, 'C' class, it was about seven in the evening. The place

was filled with an almost unbearable stench. I thought the sweepers were removing the night soil but it was hardly the appropriate time for doing this particular chore. I was right on the latter but not the former point. The source of the overpowering stench was not any night soil but our evening meal. This requires some explanation. In our part of the country most people eat parboiled rice. Producing this type of rice from paddy involves a particular technique. The jail authorities, instead of buying parboiled rice from the market, tried to produce it from paddy inside the prison, using convict labour. The idea was to save money. But as the convicts had no knowledge of the technique involved, the rice rotted. Hence the stench I had encountered. No one possibly could eat that rice, not even the poorest convict. Of course, there was another choice for the evening meal—chapatis. These did not stink, but had a fairly thick outer layer of dust and sand. The prisoners assiduously rubbed the chapatis together to get rid of the coating of filth; then one washed them before eating.

1. Why was the narrator technically not a prisoner?
A. because he was a criminal
B. because he had not committed a crime
C. because he was not formally charged
D. because he was a political activist

2. When the narrator refers to the half-a-rupee allowance as "far from inadequate," he means that the amount is
A. adequate.
B. more than adequate.
C. inadequate.
D. a lot of money.

3. What was the source of the stench which had filled the 'C' class prison cell?
A. night soil
B. rotting vegetables
C. faecal matter
D. meal served to the prisoners

4. The jail authorities tried to produce parboiled rice from paddy inside the prison using convict labour because-
A. they wanted to save money.
B. the convicts were experts at producing parboiled rice.
C. they had to make the convicts toil.
D. parboiled rice was not available in the market.

5. The prisoners assiduously rubbed the chapatis together to-

A. make them softer
B. to get rid of the layer of dust and sand
C. to voice their protest
D. to improve the taste of the chapatis

Read the passage given below and answer the questions that follow.

The cinema is the only art invented by science. It was born and bred in the West in a technological environment, and so its manifestations in predominantly agricultural countries are a somewhat curious phenomenon of more sociological than aesthetic interest. What is remarkable is that with political independence and the rise of a national awareness of technology, a new minority cinema appears in many of these societies and quickly acquires compelling aesthetic and humanist values. Their content is increasingly charged with aspirations for a better life, and their form with delight in a new medium. In many of these countries, television is limited in its spread and its creative abilities, either by the lack of resources or by the constrictions of governmental ownership or both. The cinema, on the other hand, reflects a more vital and spontaneous expression of the secret hopes and fears, ideals and enthusiasms, of a country's people. A small, serious creative cinema grows alongside the larger, more conventional product and begins to engage the attention of a select national and international audience.

But nowhere is this more true than in India, the largest producer of full-length feature films in the world. 833 films were made in 1984, as against 249 in the United States (in 1983). Over 12 million people go to the movies every day in 13000 theatres. A thousand-odd of these are travelling cinemas in the countryside that would remind the film buff of the nickelodeons of the United States rubbing shoulders with vaudeville and circus shows in the early years of the century. The number of cinema theatres is going up by about 500 every year. Television is still limited by the cost of a set and is, along with video, largely an extension of the cinema.

Both wings of Indian cinema – the popular, commercial blockbuster (song-dance-fight-nightclub formula) and the serious-creative minority product (Satyajit Ray, Mrinal Sen, Shyam Benegal et al) – are full of a restless vitality. Film stars have a massive following; in two large states, they have been catapulted into political leadership, becoming Chief Ministers of their respective states. Three others are members of Parliament, and two leading stars have given notice of their political intentions.

More than 600 fan magazines in 16 languages fuel the interest in the public and private lives of film stars, recalling the heyday of Hollywood in the thirties and forties. Popular music means film music. It is the mainstay of the record industry and supports the popularity of government-owned radio and television. To the masses, dancing means the forms of it seen in films, however indeterminate or despicable they may seem to the classicist. For millions of people in urban India and its rural periphery, cinema is the only entertainment, and film stars the only role models for public and private behaviour. The major visual art seen in the towns and the roadways, on trucks and buses and auto-rickshaws, boats and bullock-carts, and trees and tin sheds, is the raucously colourful film poster, over-riding the attractions of the cigarette or soap ads. The release of a new film often causes major traffic jams.

Clothes, hairstyles, gait, speech, attitudes towards women and social mores, generally, reflect the standards of popular cinema. The social significance of this cinema is immense, and its vitality, however, vulgar, remains unquestionable.

6. The manifestations of cinema in predominantly agricultural countries become a curious phenomenon largely because of _____ interest?

A. technological
B. aesthetic
C. sociological
D. spiritual

7. What according to the author limits the spread of television in predominantly agricultural counties?

A. lack of resources
B. constrictions of governmental ownership
C. none
D. both (A) and (B)

8. The mainstay of the record industry, in the author's view, is _____.

A. rock music
B. classical music
C. film music
D. folk music

9. What does the author mean by the expression 'heyday'?

A. the harvesting season
B. a period of great war
C. Great Depression
D. a period of great success

10. What attitude, generally speaking, gets reflected in the new minority cinema?

A. love for song and dance

B. aspirations for a better life

C. political ambitions

D. popularity of film stars

ନିମ୍ନ ଅନୁଚ୍ଛେଦଟି ପାଠକରି ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

ପରିବେଶ ସମ୍ପର୍କୀୟ ଏକ ସଭାକୁ ଜଣେ ସାହିତ୍ୟିକଙ୍କୁ ଡାକିବା ବୋଧହୁଏ ଅସଙ୍ଗତ କଥା, କାରଣ ଲେଖକମାନେ ହେଉଛନ୍ତି ପରିବେଶର ଅନ୍ୟତମ ଅନିଷ୍ଟକାରୀ । ଜଙ୍ଗଲ ଓ ଗଛର ସୁରକ୍ଷା ହେଉଛି ପରିବେଶ ସଂରକ୍ଷଣର ଏକ ବିଶେଷ ଲକ୍ଷ୍ୟ । କିନ୍ତୁ ଲେଖକମାନଙ୍କର ବହି ଛପା ହବା ପାଇଁ କାଗଜ ଦରକାର, ସେଥିପାଇଁ ଯେତେ ଗଛ କଟା ହୁଏ, ତା'ର ସୀମା ନାହିଁ । ହିସାବ କରି ଦେଖା ଯାଇଛି ଯେ ଗୋଟିଏ ଟନ୍ କାଗଜ ପାଇଁ ଚବିଶଟି ଗଛ କଟା ହୁଏ ଏବଂ ଗୋଟିଏ ଏ-୪ ଆକାରର କାଗଜ ପାଇଁ ଦଶ ଲିଟର ପାଣି ଦରକାର ହୁଏ । ସେହି ଦୃଷ୍ଟିରୁ ଲେଖକମାନେ ଗଛର ଶତ୍ରୁ । ସେଥିପାଇଁ ବୋଧହୁଏ ପ୍ରତ୍ୟେକ ଲେଖକ ନିଜକୁ ପ୍ରଶ୍ନ କରିବା ଉଚିତ: 'ମୁଁ ଯାହା ଲେଖୁଚି, ତାହା କ'ଣ ଗୋଟିଏ ଗଛକୁ ଲୋପ କରିବା ପାଇଁ ଯୋଗ୍ୟ ?'

ପୁଣି ଥରେ ବହିଛପା ପାଇଁ କାଗଜ ଓ ସେଥିପାଇଁ ଗଛ କାଟିବାର ଉଦାହାରଣକୁ ନିଆଯାଉ । ପ୍ରଥମେ ଆମର ସାହିତ୍ୟ ଥିଲା ଶ୍ରୁତିମୂଳକ; ଲୋକମାନେ ଶୁଣି ଶୁଣି ଆବୃତ୍ତି କରି ତାକୁ ମନେ ରଖୁଥିଲେ ଓ ପ୍ରସାରିତ କରୁଥିଲେ । ସାହିତ୍ୟ ଯେତେବେଳେ ଲିଖିତ ଅବସ୍ଥାକୁ ଆସିଲା, ଭୁଜପତ୍ର, ତାଳପତ୍ର ଇତ୍ୟାଦି ଉପରେ ଲେଖା ହୋଇ କେବଳ ଅଳ୍ପ ସଂଖ୍ୟାରେ ବହି ତିଆରି ହେଲା । ଆମ ଓଡ଼ିଶାରେ ଗତ ଶତାବ୍ଦୀର ଦ୍ୱିତୀୟ ଓ ତୃତୀୟ ଦଶକ ପର୍ଯ୍ୟନ୍ତ ତାଳପତ୍ରରେ ଲିଖିତ ପୋଥି ପ୍ରଚଳିତ ଥିଲା । ଏସବୁ ଅଳ୍ପ ସଂଖ୍ୟାର ବହି, ପୋଥିକୁ କେବଳ ରାଜା, ଜମିଦାର ଓ ଧନୀ ଲୋକମାନେ ହିଁ କିଣି ପାରୁଥିଲେ ।

ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ ଗୁଟେନ୍-ବର୍ଗ ଚଳନ୍ତା ଅକ୍ଷର ଓ ଛପା ଯନ୍ତ୍ର ବାହାର କଲେ । ସେତେବେଳ ପର୍ଯ୍ୟନ୍ତ ସମଗ୍ର ୟୁରୋପରେ ହାତଲେଖା ବହିର ସଂଖ୍ୟା ଥିଲା ମାତ୍ର ତିରିଶ ହଜାର । ଗୁଟେନ୍-ବର୍ଗଙ୍କ ଉଦ୍ଭାବନର ପଚାଶ ବର୍ଷ ଭିତରେ ବହି ସଂଖ୍ୟା ୯୦ ଲକ୍ଷକୁ ବଢିଗଲା । ଏଥିପାଇଁ କେତେଗଛ କଟା ହୋଇଥିବ ତା' ସହଜରେ ଅନୁମାନ କରାଯାଇପାରେ । ଆମେ କିନ୍ତୁ କହିପାରିବା ନାହିଁ ଯେ ଏହି ବହି ଛାପିବା ଏକ ଭୁଲ ବିଚାର ଥିଲା । ଏତେ ସଂଖ୍ୟାରେ ବହି ଛପା ହେବାରୁ ହିଁ ୟୁରୋପରେ ଏକ ବୌଦ୍ଧିକ ବିପ୍ଳବ ଆରମ୍ଭ ହୋଇ ରେନାସାଁର ମାର୍ଗ ଖୋଲିଲା।

11. ଲେଖକମାନେ ପରିବେଶର କ୍ଷତି କରନ୍ତି କିପରି?

A. ଲେଖକମାନେ ଜଙ୍ଗଲ ସମ୍ପର୍କରେ ଚିନ୍ତା କରନ୍ତି ନାହିଁ ।

B. ଲେଖକମାନେ ପରିବେଶ ସଂରକ୍ଷଣ ସମ୍ପର୍କରେ ବେପରୁଆ ।

C. ଲେଖକମାନେ ଗଛଲତା ଅପେକ୍ଷା ମଣିଷଙ୍କୁ ଅଧିକ ଭଲ ପାଆନ୍ତି ।

D. ଲେଖକମାନଙ୍କ ପୁସ୍ତକ ମୁଦ୍ରଣ ପାଇଁ ବହୁ ଗଛ କାଟିବାକୁ ପଡେ ।

12. ଲେଖକଙ୍କ ଅନୁସାରେ ଛପା ବହି ପୂର୍ବରୁ ୟୁରୋପରେ କ'ଣ ସ୍ଥିତି ଥିଲା?

A. ଲୋକେ ଅଶିକ୍ଷିତ ଥିଲେ

B. ଅନେକ ଅନ୍ଧ ବିଶ୍ୱାସ ସମାଜକୁ କବଳିତ କରିଥିଲା

C. ବହୁ କମ ବହି ଥିଲା

D. ଆଦୌ ବହି ନଥିଲା

13. ପୋଥି ପ୍ରଚଳିତ ଥିଲା ବେଳେ ଓଡ଼ିଶାରେ କ'ଣ ଅସୁବିଧା ହେଉଥିଲା?

A. ପୋଥିରେ କେବଳ ପୁରୁଣା କାଳିଆ କଥା ଲେଖା ହେଉଥିଲା
B. ପୋଥି କେବଳ ଧନୀ ଓ ଜମିଦାର ମାନଙ୍କ ଘରେ ରହୁଥିଲା
C. ପୋଥି ଲେଖା ହେଲାବେଳେ ଲୋକେ ଅଜ୍ଞାନ ଥିଲେ
D. ପୋଥି ଯୋଗୁଁ ସମାଜରେ ଜାତିବାଦ ଅଧିକ ଥିଲା

14. 'ଶ୍ରୁତିମୂଳକ' ସାହିତ୍ୟ କହିଲେ କାହାକୁ ବୁଝାଏ?

A. ଶୁଣି ଲେଖିବାର କଳା
B. ସ୍ମରଣ ପାଇଁ ଲେଖା ଯାଉଥିବା ସାହିତ୍ୟ
C. ଶୁଣି ଶୁଣି ମାନେ ରଖିବା ଓ ଅନ୍ୟକୁ ଶୁଣାଇବାର ପରମ୍ପରା
D. ସମୂହ ସାହିତ୍ୟ ପଢିବା

15. କେଉଁଥିପାଇଁ ପଞ୍ଚଦଶ ଶତାବ୍ଦୀର ଆରମ୍ଭରେ ୟୁରୋପରେ ଏକ ବୌଦ୍ଧିକ ବିପ୍ଳବ ଆରମ୍ଭ ହେଲା?

A. ବହୁ ସଂଖ୍ୟାରେ ବହି ଛପା ହେବା ଫଳରେ ।
B. ବହିର ଉଦ୍ଭାବନ ଫଳରେ
C. ଲୋକେ ଅନେକ ବହି ଲେଖିବା ଫଳରେ
D. ହାତ ଲେଖାରେ ବ୍ୟାପୁଥିବା ଅନ୍ଧ ବିଶ୍ୱାସ ଚାଲିଯିବା ଫଳରେ

ନିମ୍ନ ଅନୁଚ୍ଛେଦଟି ପାଠକରି ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

୧୭୫୦ ରୁ ୟୁରୋପ ମହାଦେଶରେ ଜନସଂଖ୍ୟା ବୃଦ୍ଧି ହେବାରେ ଲାଗିଲା । ଶିଶୁ ମୃତ୍ୟୁର ହାର ବଢିଗଲା । ଲୋକେ ଦାବୀ କଲେ ସରକାର ଅଧିକ ସଂଖ୍ୟକ ଡାକ୍ତରଖାନା ଖୋଲନ୍ତୁ । ସେଭଳି କରାଗଲା । ଦେଖାଗଲା ଯେ ଲୋକଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ପର୍କରେ ଶିକ୍ଷାର ପ୍ରସାର ନହେଲେ ସମୂହ ଭାବରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ପାରିନାହିଁ । ଏଣେ ଆଉ ଏକ ପ୍ରକ୍ରିୟା ସକ୍ରିୟ ଥାଏ । କଳକାରଖାନାରେ ଯେଉଁ ଶ୍ରମିକମାନେ କାମ କରୁଥାନ୍ତି, ସେମାନେ ଗୋଟିଏ ଗୋଟିଏ ସ୍ଥାନରେ ବହୁ ସଂଖ୍ୟାରେ ବସବାସ କରିବାକୁ ଲାଗିଲେ । ଶିଳ୍ପାୟନର ଏହା ଏକ ପରିଣତି ।

ଏଭଳି ଜନ ବହୁଳତାର କୁପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡିଲା । ଇଂଲଣ୍ଡରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କଲା । ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଲା । ସେତେବେଳେ ସଙ୍କଟକୁ ସାମନା କରିବା ପାଇଁ ବିଭିନ୍ନ ଦେଶରେ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଭିନ୍ନ ସଂସ୍ଥା ସ୍ଥାପିତ କରାଗଲା । ୧୮୦୧ ମସିହାରୁ ୧୮୪୧ ମସିହା ମଧ୍ୟରେ ଲଣ୍ଡନର ଲୋକସଂଖ୍ୟା ଦୁଇଗୁଣ ହୋଇଗଲା । ଜନସଂଖ୍ୟା ବଢିବା ସଙ୍ଗେ ସଙ୍ଗେ ବିଭିନ୍ନ ରୋଗରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ବଢ଼ିଲା । ୧୮୩୧ ମସିହାରେ ବର୍ମିଙ୍ଗହାମ୍ ସହରରେ ହଜାରେ ଲୋକରେ ଚଉଦ ଜଣ ମରୁଥିଲା ବେଳେ, ୧୮୪୧ ମସିହାକୁ ମୃତ୍ୟୁହାର ସତେଇଶରେ ପହଁଚିଲା । କଳକାରଖାନା ଗଢି ଉଠୁଥିବା ଅନେକ ସହରରେ ଉଣା-ଅଧିକେ ଏହି ଅବସ୍ଥା । ସ୍ୱାସ୍ଥ୍ୟ ରକ୍ଷାର ବ୍ୟବସ୍ଥା ନାହିଁ, ଇଆଡ଼େ ଜନସଂଖ୍ୟା ବଢି ଚାଲିଛି ।

ଏହି ବ୍ୟବସ୍ଥା ଅଧିକ ଦିନ ଗ୍ରହଣୀୟ ହେଲା ନାହିଁ । ଇଂଲଣ୍ଡରେ 'ଜେନେରାଲ୍ ବୋର୍ଡ ଅଫ୍ ହେଲଥ୍' ନାମକ ସଂସ୍ଥା ସ୍ଥାପିତ ହେଲା । ଏହି ସଂସ୍ଥା ଯଥାସମ୍ଭବ ସଫଳତାର ସହିତ ଜନସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବାପାଇଁ ଉଦ୍ୟମ କଲା । ଇଂଲଣ୍ଡକୁ ଅନୁସରଣ କରି ଆମେରିକା ଓ ୟୁରୋପର ଅନେକ ଦେଶ ସେହିଭଳି ଅନୁଷ୍ଠାନ ପ୍ରତିଷ୍ଠା କଲେ । ଉନ୍ନବିଂଶ ଶତାବ୍ଦୀ ଶେଷ ହୋଇ ଆସିଲା ବେଳକୁ ଏ ଦିଗରେ ବହୁତ କିଛି ସଫଳତା ହାସଲ ହୋଇ ସାରିଲାଣି । ବିଂଶ ଶତାବ୍ଦୀ ଆରମ୍ଭରେ ଆଉ ଗୋଟିଏ ସମସ୍ୟା ଜନସ୍ୱାସ୍ଥ୍ୟ ରକ୍ଷା ପ୍ରଶ୍ନଟିକୁ ଜଟିଳ କରିଦେଲା । ଦରିଦ୍ର ଲୋକଙ୍କ ଭିତରେ, ବିଶେଷତଃ ସହର ତଳି ଅଞ୍ଚଳରେ ଥିବା ଗରିବ ଲୋକଙ୍କ ଭିତରେ ନାନା କାରଣରୁ କେତେଗୁଡିଏ ରୋଗ ବ୍ୟାପକ ଭାବରେ ଦେଖାଦେଲା । ଇଂଲଣ୍ଡ ଏବଂ ଆମେରିକା ଭଳି ଦେଶରେ ସହର ତଳି ଅଞ୍ଚଳରେ ବହୁ ଲୋକ ଏକା ସାଙ୍ଗରେ ରହିଲେ । ସୁଷମ ଖାଦ୍ୟର ଅଭାବ, ଯୌନ-ସଂକ୍ରମିତ ରୋଗ, ଅତ୍ୟଧିକ ମଦ୍ୟପାନ ଏବଂ ଅନ୍ୟ କେତେକ

ରୋଗ ଯୋଗୁଁ ଅବସ୍ଥା ଅସମ୍ଭାଳ ହେଉଥିଲା । ଉନ୍ନବିଂଶ ଶତାବ୍ଦୀର ଅର୍ଥନୈତିଜ୍ଞ କହିଥିଲେ, କଳାକାରଖାନାରେ ଅଧିକରୁ ଅଧିକ ଉତ୍ପାଦନ ହେଲେ ଲୋକଙ୍କର ଅଭାବ ପୂରଣ ହୋଇଯିବ, ଦାରିଦ୍ର୍ୟ ଦୂର ହୋଇଯିବ, ଲୋକେ ଆଉ କଷ୍ଟ ଭୋଗିବେ ନାହିଁ । କିନ୍ତୁ ବିଂଶ ଶତାବ୍ଦୀ ଆରମ୍ଭ ବେଳେ ଦେଖାଗଲା, ଏହି କଥାରେ ସେଭଳି କିଛି ମୂଲ୍ୟ ନାହିଁ । ସରକାରୀ ଉଦ୍ୟମ ନ ହେଲେ ଲୋକଙ୍କର ସାମୂହିକ ସ୍ୱାସ୍ଥ୍ୟର ଉନ୍ନତି ଓ ସୁରକ୍ଷା ଅମୀମାଂସିତ ହେଇ ରହିଯିବ ।

16. ୧୭୫୦ ମସିହା ପରେ, ୟୁରୋପ ମହାଦେଶରେ କେଉଁ କାରଣରୁ ଲୋକମାନେ ଅଧିକ ସଂଖ୍ୟକ ଚିକିତ୍ସାଳୟ ଖୋଲିବା ପାଇଁ ଦାବୀ କଲେ ?

A. ଜନସଂଖ୍ୟା ତୀବ୍ର ବେଗରେ ବୃଦ୍ଧି ପାଇଲା
B. ଶିକ୍ଷାର ବହୁଳ ପ୍ରସାର ହେଲା
C. ଶିଶୁ ମୃତ୍ୟୁ ହାର ବଢିଗଲା
D. ବହୁଲୋକ ମହାମାରୀରେ ମୃତ୍ୟୁ ବରଣ କଲେ

17. କେଉଁ କାରଣରୁ ଇଂଲଣ୍ଡରେ ଅସନ୍ତୋଷ ଦେଖାଦେଲା ?

A. ଶିଳ୍ପ ବିପ୍ଳବ ଜନିତ ପ୍ରବଳ ଜନ ସମାଗମ ସମସ୍ୟା ସୃଷ୍ଟି କଲା
B. ଶିଳ୍ପ ଜନିତ ପ୍ରଦୂଷଣ ଯୋଗୁଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବଢିଗଲା
C. କଳକାରଖାନା ଗୁଡିକରେ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଲେ
D. କଠିନ ପରିଶ୍ରମ ଓ କ୍ଷୁଧା ଯୋଗୁଁ ଅନେକ ଶ୍ରମିକ ମୃତ୍ୟୁ ବରଣ କଲେ

18. କେଉଁ ସମସ୍ୟା ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଜନସ୍ୱାସ୍ଥ୍ୟ ରକ୍ଷା ପ୍ରଶ୍ନଟିକୁ ଜଟିଳ କରିଦେଲା ?

A. ଦାରିଦ୍ର୍ୟ ବୃଦ୍ଧି ଘଟିଲା
B. ଅନେକ ଡ଼ାକ୍ତରଖାନାରେ ଡାକ୍ତର ନଥିଲେ
C. ପଇସା ହେବାରୁ ଅନେକ ଆବଶ୍ୟକତାରୁ ଅଧିକ ଖାଇବାକୁ ଆରମ୍ଭ କଲେ
D. ଦରିଦ୍ର ଲୋକଙ୍କ ମଧ୍ୟରେ କେତେକ ରୋଗ ବ୍ୟାପକ ଭାବରେ ଦେଖା ଦେଲା

19. ଅର୍ଥନୀତିଜ୍ଞମାନଙ୍କର କେଉଁ କଥାରେ ବିଶେଷ ମୂଲ୍ୟ ନଥିବା ଜଣାଗଲା ?

A. ଉତ୍ପାଦନ ବଢିଲେ ଦାରିଦ୍ର୍ୟ ରହିବ ନାହିଁ
B. କଳକାରଖାନା ଦାରିଦ୍ର୍ୟ ବୃଦ୍ଧିର ପ୍ରମୁଖ କାରଣ
C. ଦାରିଦ୍ର୍ୟ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ଦୂରତା ବଢ଼ିଯିବ
D. ଦରିଦ୍ରମାନେ ନିଜର ଅଳସୁଆପଣ ଯୋଗୁଁ ଦରିଦ୍ର ହୋଇ ରୁହନ୍ତି

20. ଲେଖକଙ୍କ ମତରେ ସରକାରୀ ଉଦ୍ୟମ କେଉଁଥିପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ?

A. ଦାରିଦ୍ର୍ୟ ଦୂରୀକରଣ
B. ସ୍ୱାସ୍ଥ୍ୟରକ୍ଷା
C. ଅର୍ଥନୀତିରେ ସୁଧାର
D. ଶିକ୍ଷା ବିଭାଗରେ ସଂସ୍କାର

ନିମ୍ନ ଅନୁଚ୍ଛେଦଟି ପାଠକରି ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ଗୁଡିକର ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

କୃତ୍ରିମ ବୁଦ୍ଧିମତାର ପ୍ରଥମ ଲହରୀ ସାମାଜିକ ଗଣମାଧ୍ୟମ ଜରିଆରେ ମନୁଷ୍ୟ ସମାଜକୁ ସମ୍ପୂର୍ଣ ଭାବରେ କବଳିତ କରିଛି । ସାମାଜିକ ଗଣମାଧ୍ୟମ କମ୍ପାନୀମାନେ ବ୍ୟବହାର କରୁଥିବା ଆଲଗୋରିଦମ୍ ଲୋକଙ୍କୁ ଏଭଳି ତଥ୍ୟ ଦିଏ ଯାହା ମସ୍ତିଷ୍କରେ ଡୋପାମିନ୍ ପ୍ରବାହିତ କରିବ । ଅଜାଣତରେ ଲୋକେ ସାମାଜିକ ଗଣମାଧ୍ୟମରେ ଛନ୍ଦି ହୋଇ ହିତାହିତ ଜ୍ଞାନ ହରାଉଛନ୍ତି । ଶୈଶବରୁ ସାମାଜିକ ଗଣମାଧ୍ୟମ ଆମକୁ ଆସକ୍ତ କରି ନେଉଛି । ଯେଭଳି ନିଶା ସେବନ

କରି ଲୋକେ ନିଜ ଉପରୁ ନିୟନ୍ତ୍ରଣ ହରାନ୍ତି, ସେହିଭଳି ସାମାଜିକ ଗଣମାଧ୍ୟମରେ ଲୋକେ ଅନ୍ୟକୁ ଗାଳି-ଗୁଲଜ କରୁଛନ୍ତି ଓ ସତ ମିଛର ଫରକ କରି ପାରୁ ନାହାନ୍ତି । ଲୋକେ ସାମାଜିକ ଗଣମାଧ୍ୟମ ବ୍ୟବହାର କଲେ କମ୍ପାନୀ ଲାଭ କରୁଛନ୍ତି, ସମାଜ ଉପରେ କୁପ୍ରଭାବ ଦିଗରେ ସେମାନଙ୍କ ଚିନ୍ତା ନାହିଁ । ବର୍ତ୍ତମାନ କିଛୁ କୃତ୍ରିମ ବୁଦ୍ଧିମତାର ଦ୍ୱିତୀୟ ଢ଼େଉକୁ ନେଇ ଆଶଙ୍କା ବଢ଼ି ଚାଲିଛି । ପ୍ରଥମ କରି ଯନ୍ତ୍ର ମଣିଷ ଠାରୁ ଅଧିକ ବୁଦ୍ଧିମାନ ହେବାକୁ ଯାଉଛି । ଶେଷରେ ଯାନ୍ତ୍ରିକ ବୁଦ୍ଧିମତା ପୃଥିବୀକୁ କବଳିତ କରିନେବ ।

ମନୁଷ୍ୟର ମସ୍ତିଷ୍କ ପ୍ରକୃତିର ସବୁଠାରୁ ଜଟିଳ ପଦାର୍ଥ ଭାବେ ପରିଗଣିତ ହୁଏ । ମଣିଷ ମସ୍ତିଷ୍କରେ ଏକ ବିଲିଅନ୍ ସ୍ନାୟୁ କୋଷ ଅଛି । ସେମାନଙ୍କ ମଧ୍ୟରେ ଏକ ଶହ ଟ୍ରିଲିଅନ୍ ସଂଯୋଗ ଅଛି । ଚାଟ୍ ଜିପିଟି-୪ ପାଇଁ ପଚିଶ ହଜାର ଜି.ପି.ୟୁ କୁ ସମାନ୍ତରାଳ ଭାବେ ସଂଯୋଜିତ କରା ଯାଇଛି । କମ୍ପୁଟର୍ ଅଧିକ ଶକ୍ତିଶାଳୀ ହେବା ଫଳରେ ଏବଂ କାମ୍ପୁଟରୀକରଣ ଯୋଗୁଁ ବିଶାଳ ତଥ୍ୟ ସଂଗୃହିତ ହେଉଥିବା ଯୋଗୁଁ ଆଲଗୋରିଦମ୍ ଏବେ ମଣିଷ ଭଳି କଥୋପକଥନ କରିବାକୁ ଲାଗିଲାଣି । ତେବେ ଏବେ ମଧ୍ୟ ମଣିଷ ମାତ୍ର ଶହେ ମିଲିଅନ୍ ସଂଯୋଗ କୃତ୍ରିମ ଭାବେ କରି ପାରିଛି । କିନ୍ତୁ ଯେଉଁଭଳି ଏହି କ୍ଷେତ୍ରରେ ବିକାଶ ହେଉଛି ଆଉ ଦୁଇ ଦଶନ୍ଧି ଭିତରେ ମଣିଷ ମସ୍ତିଷ୍କ ଭଳି ଏକ ଜଟିଳ ବୁଦ୍ଧିମାନ ଯନ୍ତ୍ର କୃତ୍ରିମ ଭାବେ ତିଆରି ହୋଇଯିବ । ଚାଟ୍ ଜିପିଟି-୪ ବର୍ତ୍ତମାନ କବିତା ଓ ଗପ ଲେଖି ପାରୁଛି । ଭବିଷ୍ୟତରେ ଯନ୍ତ୍ର ମଣିଷଠାରୁ ଅଧିକ ଉନ୍ନତ ସାହିତ୍ୟ ଲେଖିବ, ନୂଆ ଔଷଧ ଖୋଜିବ ଓ ଜଳବାୟୁ ପରିବର୍ତ୍ତନରୁ ମଣିଷ ଜାତି ପ୍ରତି ସୃଷ୍ଟି ହୋଇଥିବା ବିପଦର ସମାଧାନ କରିବ । ଅନ୍ୟ ପକ୍ଷରେ ଏଭଳି ଶକ୍ତିଶାଳୀ ଯନ୍ତ୍ର କୌଣସି ଦୁଷ୍ଟ ବ୍ୟକ୍ତି, ସଙ୍ଗଠନ ବା ଦେଶ ଅକ୍ତିଆରକୁ ଆସିଲେ ସେମାନେ ପୃଥିବୀରୁ ମାନବ ସମାଜକୁ ଲୋପ କରି ଦେବେ । ଏଭଳି ଭୂତାଣୁ ଆବିଷ୍କାର କରିବେ ଯାହା କୋଭିଡ୍-୧୨ ଠାରୁ ଅଧିକ ବିପଦ ଆଣି ଦେବ । ପରମାଣୁ ବୋମା ଠାରୁ ଯାନ୍ତ୍ରିକ ବୁଦ୍ଧିମତା ଅଧିକ ବିପଦ ଜନକ । ଏଭଳି ପରିସ୍ଥିତିରେ ପୃଥିବୀର ସବୁ ରାଷ୍ଟ୍ର ଏକାଠି ହୋଇ ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବାକୁ ପଡିବ ।

ଯଦି ସବୁ ଯନ୍ତ୍ର କରିବ, ତାହାଲେ ଲୋକେ ବେକାର ହୋଇଯିବେ । ସରକାର ସମସ୍ତଙ୍କୁ ବେକାରୀ ଭତ୍ତା ଦେବାକୁ ପଡିବ । ଅତୀତରେ ନୂଆ ବୈଷୟିକ ଜ୍ଞାନ ଆସିଲେ ଯେତିକି ପୁରୁଣା ଚାକିରୀ ନଷ୍ଟ ହେଲା, ତା'ଠାରୁ ଅଧିକ ଚାକିରୀ ତିଆରି ହୋଇଛି । କମ୍ପୁଟର୍ ଆସିଲା ବେଳେ ଆଶଙ୍କା କରା ଯାଉଥିଲା ଯେ ଲୋକେ ଜୀବିକା ହରାଇବେ । କିନ୍ତୁ କମ୍ପୁଟର୍ ଯୋଗୁଁ ଆର୍ଥିକ ବିକାଶ ଘଟିଲା ଓ ଅଧିକ ଚାକିରୀ ସୃଷ୍ଟି ହେଲା । କିନ୍ତୁ ଏଥର ଏହି ସ୍ଥିତିର ପୁନରାବୃତ୍ତି ନହୋଇ ପାରେ । କେବଳ ଚାକିରୀ ଯେ ଯିବ ତାହା ନୁହେଁ, ଏବେ କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଫେକ୍ ଭିଡ଼ିଓ, ଅଡ଼ିଓ ଓ ଚିତ୍ର ସହଜରେ କରି ହେଉଛି । ସମୟ ଆସିବ ଯେତେବେଳେ ଆମେ ବୁଝିବା କଷ୍ଟ ହେବ ଯେ ଆମେ ଦେଖୁଥିବା ଛବି ବା ପାଇଥିବା ତଥ୍ୟ ବାସ୍ତବ ନା ଯନ୍ତ୍ରକୃତ । ଯଦି ସେଭଳି ହୁଏ ତେବେ ସମାଜରେ ଅବିଶ୍ୱାସ ବଢ଼ିବ । ଚାରିଆଡେ ଗଣ୍ଡଗୋଳ ହେବ । ଅପରାଧୀମାନେ କୃତ୍ରିମ ବୁଦ୍ଧିମତାକୁ ବ୍ୟବହାର କରି ନାନା ଅପରାଧ ଭିଆଇବେ । ମଣିଷ ଜୀବନ ଦୁର୍ବିସହ ହୋଇଯିବ ।

ସାମାଜିକ ଗଣମାଧ୍ୟମକୁ ଆମେ ଯେଉଁଭଳି ନିୟନ୍ତ୍ରଣ ନକରି ପାରି ସ୍ଥିତି ସୃଷ୍ଟି କରିଛେ, ସେଥିରୁ ଲାଗୁନି ଯେ ସରକାର ମାନେ ଏକାଠି ହୋଇ କୃତ୍ରିମ ବୁଦ୍ଧିମତାକୁ ନିୟନ୍ତ୍ରଣ କରି ପାରିବେ । ଏକଛତ୍ରବାଦୀ ଶାସକ ମାନେ ଯନ୍ତ୍ର ବ୍ୟବହାର କରି କାରଖାନାରେ ଉତ୍ପାଦନ କରିବେ, ଜମିରୁ ଫସଲ ଉତ୍ପାଦନ କରିବେ ଓ ଯାନ୍ତ୍ରିକ ସୈନିକ ବ୍ୟବହାର କରି ଯୁଦ୍ଧ କରିବେ । ଯେହେତୁ ସାଧାରଣ ଲୋକେ ଉପାଦେୟ ହେବେ ନାହିଁ, ହୁଏତ ଏହି ଶାସକ ମାନେ ଜନତାକୁ ସଂଘାର କରି ପାରନ୍ତି । ବାସ୍ତବରେ ଆଗକୁ କ'ଣ ହେବାକୁ ଯାଉଛି ତାହା ଆକଳନ କରିବା ଅସମ୍ଭବ । ସମସ୍ତେ ଅନ୍ଧାରରେ ବାଡ଼ି ବୁଲାଉଛନ୍ତି । ଏପରିକି ଯେଉଁ ବିଶେଷଜ୍ଞ ମାନେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ କାମ କରୁଛନ୍ତି, ସେମାନେ ମଧ୍ୟ କହୁଛନ୍ତି ଯେ ଏହି ବୈଷୟିକ କ୍ଷେତ୍ରଟିକୁ ନିୟନ୍ତ୍ରିତ କରିବାକୁ ହେବ । ନିକଟରେ ଆମେରିକାର ରାଷ୍ଟ୍ରପତି ଏ ସଂକ୍ରାନ୍ତରେ କେତେକ ନିଷ୍ପତ୍ତି କରିଛନ୍ତି । ବ୍ରିଟେନ୍ ଆଲୋଚନା ପାଇଁ ଏକ ଆନ୍ତର୍ଜାତିକ ବୈଠକ କରି ସାରିଛି । ୟୁରୋପୀୟ ସଂଘ ବର୍ଷ ଶେଷ ସୁଦ୍ଧା ଏକ ନୂଆ ଆଇନ ପ୍ରଣୟନ ପାଇଁ ଉଦ୍ୟମ କରୁଛି । କିନ୍ତୁ ଭାରତରେ ଏ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଜନ ସଚେତନତା ସୃଷ୍ଟି ହୋଇ ନାହିଁ ।

21. ସାମାଜିକ ଗଣମାଧ୍ୟମ ସମାଜକୁ କବଳିତ କଲା କିପରି ?

A. ଲୋକଙ୍କୁ ବିଭିନ୍ନ ତଥ୍ୟ ଯୋଗାଇ

B. ଆମ ମସ୍ତିଷ୍କ ଯାହା ଦେଖିବାକୁ ଭଲ ପାଉଛି ତାକୁ ଦେଖାଇ

C. ଲୋକଙ୍କ ମଧ୍ୟରେ କୁସଂସ୍କାର ଦୂର କରି

D. ଲୋକଙ୍କୁ ନିମିଷ ମାତ୍ରେ ତଥ୍ୟ ପ୍ରଦାନ କରି

22. କୃତ୍ରିମ ବୁଦ୍ଧିମତା ଓ ମଣିଷର ମସ୍ତିଷ୍କ ମଧ୍ୟରେ ବର୍ତ୍ତମାନର ତୁଳନାତ୍ମକ ସ୍ଥିତି କ'ଣ ?

A. କୃତ୍ରିମ ବୁଦ୍ଧିମତା ଏବେ ମଣିଷ ମସ୍ତିଷ୍କର ସମକକ୍ଷ ହେଲାଣି

B. କୃତ୍ରିମ ବୁଦ୍ଧିମତା ଏବେ ମଧ୍ୟ ମଣିଷ ମସ୍ତିଷ୍କର ସମକକ୍ଷ ନୁହେଁ

C. କୃତ୍ରିମ ବୁଦ୍ଧିମତା ମଣିଷ ମସ୍ତିଷ୍କର ଏକ ନକଲ

D. କୃତ୍ରିମ ବୁଦ୍ଧିମତା ମଣିଷ ମସ୍ତିଷ୍କର ସମକକ୍ଷ ହୋଇ ପାରିବ ନାହିଁ

23. ଅତୀତରେ ନୂଆ ବୈଷୟିକ ଜ୍ଞାନ ଶ୍ରମ କ୍ଷେତ୍ର କୁ କିଭଳି ପ୍ରଭାବିତ କରିଛି ?

A. ଅଧିକ ଲୋକଙ୍କୁ ବେକାର ହେବାକୁ ପଡିଛି

B. ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ର ସୁଯୋଗ ସୃଷ୍ଟି କରିଛି

C. ଶ୍ରମ କ୍ଷେତ୍ରକୁ ପ୍ରଭାବିତ କରିନି

D. ଆର୍ଥିକ କ୍ଷେତ୍ରକୁ ଦୁର୍ବଳ କରିଛି

24. କୃତ୍ରିମ ବୁଦ୍ଧିମତାର ଅଗ୍ରଗତି ପାଇଁ କେଉଁଟି କାରଣ ?

A. କମ୍ପୁଟର୍ ଶକ୍ତିଶାଳୀ ହେବା ଓ ବିଗ ଡାଟା ସୃଷ୍ଟି ହେବା

B. କମ୍ପୁଟର୍ ସଂକ୍ରାନ୍ତରେ ଲୋକଙ୍କ ଜ୍ଞାନ ବଢିବା

C. ସମସ୍ତେ କମ୍ପୁଟର୍ ବ୍ୟବହାର କରିବା

D. ସାମାଜିକ ଗଣ ମାଧ୍ୟମକୁ ନିୟନ୍ତ୍ରଣ ନକରାଯିବା

25. ରାଷ୍ଟ୍ର ମାନଙ୍କ ସ୍ତରରେ କରା ଯାଉଥିବା ଉଦ୍ୟମ ମଧ୍ୟରେ କେଉଁଟି ଅନ୍ତର୍ଭୁକ୍ତ ନୁହେଁ ?

A. ଆମେରିକାର ରାଷ୍ଟ୍ରପତିଙ୍କ କୃତ୍ରିମ ବୁଦ୍ଧିମତା ସଂକ୍ରାନ୍ତରେ ନିର୍ଦ୍ଦେଶ

B. ୟୁରୋପୀୟ ସଂଘର ପ୍ରସ୍ତାବିତ ଆଇନ

C. ଭାରତରେ କୃତ୍ରିମ ବୁଦ୍ଧିମତା ପାଇଁ ପ୍ରସ୍ତାବିତ ଆଇନ

D. ବ୍ରିଟେନରେ ଆନ୍ତର୍ଜାତିକ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ

26. Choose the correct one-word substitute for the given phrase/expression.

'one who follows a socially unconventional ways of life'.

A. bohemian

B. socialite

C. aesthete

D. pedagogue

27. Choose the correct one-word substitute for the given phrase/expression.

'a small group of people having control of a country'

A. democracy

B. autocracy

C. oligarchy

D. bureaucracy

28. Choose the correct one-word substitute for the given phrase/expression.
'someone who can be easily persuaded to believe something'.

A. credible
B. gullible
C. malicious
D. comprehensible

29. Choose the correct one-word substitute for the given phrase/expression.
'an inactive state resembling deep sleep'.

A. lazy
B. hibernation
C. indolent
D. loafing

30. Choose the correct one-word substitute for the given phrase/expression-
'handwriting that is not clear enough to be read'.

A. eligible
B. legible
C. illegible
D. decipherable

31. Choose the appropriate meaning of the idiom- *'to die in harness'.*

A. to die in vain
B. to die in honour
C. to die while in service
D. to die for the motherland

32. Choose the appropriate meaning of the idiom- *'do not hold water'.*

A. cannot be believed
B. cannot be held safely
C. cannot be carried
D. a dry river bed

33. Choose the appropriate meaning of the idiom- *'beat about the bush'.*

A. clear the bush by beating
B. hide in the bush in order to escape getting beaten up
C. approach a subject without coming to the point
D. beat a bush randomly

34. Choose the appropriate meaning of the following idiom- *'break the ice'.*

A. do or say something to relieve tension when strangers meet
B. to put ice cubes in a glass to prepare sherbet
C. make alliance with a former enemy
D. to have a truce with the enemy

35. Choose the appropriate meaning of the following idiom- *'out of the woods'.*

A. out of work place
B. out of forest area
C. out of one's comfort zone
D. out of danger area

Fill in the blanks by choosing the correct preposition from among the options given below.

36. This book comprises _____ five chapters.

A. about
B. of
C. with
D. in

37. He was not ashamed _____ asking for even more money.

A. at
B. from
C. of
D. to

38. My sister was not required to conform _____ the traditional ways of her husband's family.

A. to
B. for
C. of
D. in

39. Mr. Nambiar is thoroughly disillusioned _____ his job.

A. from
B. of
C. with
D. at

40. During economic recession one should avoid spending money _____ luxury items.

A. on
B. at
C. for
D. with

Fill in the blanks by choosing the correct option from among the ones given below.

41. Priyanka Chopra has played the role of _____ FBI agent in "Quantico."

A. a
B. an
C. the
D. none of the above

42. Each new word has _____ different meaning.

A. a
B. an
C. the
D. none of the above

43. He is _____ one-eyed man.

A. a
B. an
C. the
D. zero article

44. I have got _____ close friends that I meet regularly.

A. few
B. a few
C. little
D. a little

45. We decided to abandon our trip as we had _____ money left.

A. few
B. a few
C. little
D. a little

46. Abhimanyu was _____ engrossed in his book even to look up.

A. very
B. much
C. too
D. so

47. _____ my brother, who does not like thrillers, enjoyed the film.

A. Alone
B. Even
C. Only
D. Though

Choose the word that is opposite in meaning to the given word.

48. 'Eulogise'-

A. celebrate
B. extol
C. question
D. criticize

49. 'Relish'-

A. dislike
B. gusto
C. savour
D. attack

50. 'Brittle'-

A. weak
B. week
C. fragile
D. formidable

Choose the correctly spelled word from the given options.

51..

A. dilemma
B. dillemma
C. dilema
D. dilemma

52.

A. occassionally
B. occasionally
C. ocassionally
D. ocassionally

53.

A. miliu
B. milieu
C. milaeu
D. Milieau

54.

A. accomodate
B. acommodate
C. accommodatte
D. accommodate

Choose the word that is similar in meaning to the given word.

55. 'placate'-

A. instigate
B. pacify
C. pamper
D. promise

56. 'insolent'-
A. impromptu
B. indifferent
C. indiscreet
D. impertinent

57. 'emulate'-
A. encompass
B. resist
C. scold
D. imitate

58. 'alleviate'-
A. aggravate
B. mitigate
C. avoid
D. modify

59. 'fastidious'-
A. meticulous
B. vehement
C. ludicrous
D. generous

Which of the following sentences is correct?

60.
A. Mr. Das is a friend of my father's.
B. Mr. Das is a friend of my father.
C. Mr. Das is a friend of mine father.
D. Mr. Das is the friend of my father's.

61.
A. The only people interested in the book seems to be lawyers.
B. The only people interested in this book are seeming to be lawyers.
C. The only people interested in the book are seemingly to be lawyers.
D. The only people interested in the books seem to be lawyers.

62.
A. The only Indian in the class is you.
B. The only Indian in the class are you.
C. The only Indian in the class to be you.
D. The only Indian in the class have to be you.

Fill in the blanks by choosing the correct option from among the ones given below.

63. They _____ offended if I did not go to see them.

A. will be
B. would have been
C. were
D. would be

64. If I had known you were in town I _____ you.

A. would visit
B. would have visited
C. could visit
D. would have been visited

65. We met a lot of old friends _____ we were on holiday.

A. while
B. for
C. during
D. at

66. 'ମୁଁ କେତେ କଲିକତା ଦେଖିଛି' - ଏଠାରେ 'କଲିକତା' ଶବ୍ଦଟି କେଉଁ ବିଶେଷ୍ୟ ?

A. ବ୍ୟକ୍ତି ବାଚକ
B. ବସ୍ତୁ ବାଚକ
C. ଗୁଣ ବାଚକ
D. ଜାତି ବାଚକ

67. ନିମ୍ନ ଲିଖିତ କେଉଁ ଶବ୍ଦଟି 'ବିଷ୍ଣୁ' ର ପ୍ରତିଶବ୍ଦ ନୁହେଁ ?

A. ବିଷ୍ଟରଶ୍ରବା
B. ନୀଳଲୋହିତ
C. ଅଧୋକ୍ଷଜ
D. ବାସୁଦେବ

68. 'ଅଦା ବେପାରୀର ଜାହାଜ ମୂଲେଇବା' -ରୂଢି ଟି କେଉଁ ଅର୍ଥରେ ବ୍ୟବହୃତ ?

A. ବଡ଼ ଆଖି କରିବା
B. ଉଚ୍ଚ ମିଜାଜ ବିଚାର
C. କ୍ଷୁଦ୍ର ବ୍ୟକ୍ତିର ବଡ଼ କଥାରେ ମୁଣ୍ଡ ପୂରାଇବା
D. ହୀନମନା ବ୍ୟକ୍ତିର ଆଚରଣ

69. 'ଘର ନିଆଁ ଅଣ୍ଟିରେ ପୂରାଇବା' - ରୂଢି ର ଅର୍ଥ କ'ଣ ?

A. ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା
B. ପରିବାରର ଦୋଷ ପଦାରେ ପକାଇବା
C. ଶତ୍ରୁକୁ ଆଶ୍ରୟ ଦେବା
D. ବିପଦ ବେଳେ ଶତ୍ରୁ ଆଶ୍ରୟରେ ରହିବା

70. ନିମ୍ନ ଲିଖିତ କେଉଁ ଶବ୍ଦଟି 'ଅଗ୍ନି'ର ଅର୍ଥ ବହନ କରୁନାହିଁ ?

A. ବିଭାବସୁ
B. କୀଲାଳ
C. ଵୀତିହୋତ୍ର
D. ପାବକ

71. ଶୁଦ୍ଧ ଶବ୍ଦଟି ଚିହ୍ନାଅ

A. ବ୍ୟବସାୟିକ
B. ବ୍ୟାବସାୟିକ
C. ବ୍ୟାବ୍ୟସାୟିକ
D. ବାବ୍ୟସାୟିକ

72. ନିମ୍ନ ଲିଖିତ ଶବ୍ଦ ମାନଙ୍କ ମଧ୍ୟରୁ ଶୁଦ୍ଧ ଶବ୍ଦଟି ଚିହ୍ନାଅ

A. ପରିଚ୍ଛନ୍ନ
B. ପରିଚ୍ଛନ୍ନ
C. ପରିଚ୍ଛିନ୍ନ
D. ପରୀଚ୍ଛନ୍ନ

73. 'ତୁ ନାଥ ପରମ ଦୟାଳୁ' - ଏଠାରେ 'ପରମ' ଶବ୍ଦଟି କେଉଁ ପ୍ରକାର ବିଶେଷଣ ?

A. ସର୍ବନାମିକ ବିଶେଷଣ
B. ତୁଳନାତ୍ମକ ବିଶେଷଣ
C. ବିଶେଷଣର ବିଶେଷଣ
D. ବିଧେୟ ବିଶେଷଣ

74. 'ପକ୍ଷପାତ' ଶବ୍ଦର ବିପରୀତ ଶବ୍ଦ ଲେଖ ?

A. ନିରପେକ୍ଷ
B. ଅପକ୍ଷ
C. ନିରପେକ୍ଷତା
D. ସପକ୍ଷ

75. 'ହତ୍ୟା କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତି' - ଏକ ପଦରେ ପ୍ରକାଶ କର ?

A. ଜିଘାଂସୁ
B. ଜିହିର୍ଷୁ
C. ଜିଜୀବିଷୁ
D. ହତ୍ୟାକାରୀ

76. 'ଲୋଭରୁ ପାପ, ପାପରୁ ମୃତ୍ୟୁ'- ଏଠାରେ କେଉଁ ବିଭକ୍ତିର ପ୍ରୟୋଗ ହୋଇଛି ?

A. ତୃତୀୟା ବିଭକ୍ତି
B. ଚତୁର୍ଥୀ ବିଭକ୍ତି
C. ପଞ୍ଚମୀ ବିଭକ୍ତି
D. ସପ୍ତମୀ ବିଭକ୍ତି

77. କ୍ରିୟା ପଦର ଶେଷରେ ଲାଗିଥିବା ବର୍ଣ୍ଣ ବା ବର୍ଣ୍ଣ ସମଷ୍ଟିକୁ କ'ଣ କୁହାଯାଏ ?

A. କ୍ରିୟା ବିଭକ୍ତି
B. କ୍ରିୟା ବିଶେଷଣ
C. ସକର୍ମକ କ୍ରିୟା
D. ଅକର୍ମକ କ୍ରିୟା

78. 'ଧମକେଇବା' - ଏହା କେଉଁ ପ୍ରକାର କ୍ରିୟା ପଦ ?
A. ସକର୍ମକ କ୍ରିୟା
B. ଅକର୍ମକ କ୍ରିୟା
C. ଅମିଶ୍ର କ୍ରିୟା
D. ନାମଧାତୁ କ୍ରିୟା

79. 'ତଥାପି' - ଏହା କି ପ୍ରକାରର ଅବ୍ୟୟ ପଦ ?
A. ସଂଯୋଜକ
B. ବିଯୋଜକ
C. ହେତୁ ବୋଧକ
D. ସାମ୍ୟ ବୋଧକ

80. 'ବାକ୍ + ଆଡମ୍ବର'- ସନ୍ଧି କର ?
A. ବାକାଡ଼ମ୍ବର
B. ବାଗାଡ଼ମ୍ବର
C. ବାକ୍‌ଆଡମ୍ବର
D. ବଗାଡ଼ମ୍ବର

81. 'ରେଳଗାଡ଼ି' କେଉଁ ସମାସ ?
A. ବହୁବ୍ରିହୀ ସମାସ
B. ଅବ୍ୟୟୀଭାବ ସମାସ
C. ମଧ୍ୟପଦଲୋପୀ କର୍ମଧାରୟ ସମାସ
D. ଦ୍ୱନ୍ଦ ସମାସ

82. 'ଅଜିତ କହିଲା, ସେ ବର୍ତ୍ତମାନ ଭୁବନେଶ୍ୱର ଯିବ'- ଏହି ବାକ୍ୟଟି କେଉଁ ପ୍ରକାର ଉକ୍ତିର ଅନ୍ତର୍ଭୁକ୍ତ ?
A. ପ୍ରତ୍ୟେକ୍ଷ ଉକ୍ତି
B. ପରୋକ୍ଷ ଉକ୍ତି
C. ବିସ୍ମୟ ଉକ୍ତି
D. ପ୍ରଶ୍ନ ଉକ୍ତି

83. 'ସେ ଧନୀ, ମାତ୍ର ସୁଖୀ ନୁହନ୍ତି'- ଏହା କେଉଁ ପ୍ରକାର ବାକ୍ୟ
A. ସରଳ ବାକ୍ୟ
B. ଜଟିଳ ବାକ୍ୟ
C. ଯୌଗିକ ବାକ୍ୟ
D. ମିଶ୍ର ବାକ୍ୟ

84. 'ଟପର ଟପର ମେଘ ବରଷିଲା' - ଏଠାରେ 'ଟପର ଟପର' କେଉଁ ପ୍ରକାର ପଦ ?

A. କ୍ରିୟା ପଦ
B. ସର୍ବନାମ ପଦ
C. ବିଶେଷଣ ପଦ
D. ଅବ୍ୟୟ ପଦ

85. 'ନରେଶ ଧୂର୍ତ୍ତ କିନ୍ତୁ ସୁରେଶ ସେପରି ନୁହେଁ' - ଏହି ବାକ୍ୟରେ 'ସେପରି' ଶବ୍ଦଟି କି ପ୍ରକାର ପଦ ?

A. ବିଶେଷ୍ୟ
B. ବିଶେଷଣ
C. ସର୍ବନାମ
D. ଅବ୍ୟୟ

ନିମ୍ନ ଲିଖିତ ଇଂରାଜୀ ବାକ୍ୟ ବା ବାକ୍ୟାଂଶର ସବୁଠୁ ନିକଟସ୍ଥ ଓଡ଼ିଆ ଅନୁବାଦ ଚିହ୍ନଟ କରି ଲେଖ ।

86. 'Cutting edge Technology'

A. ଧାରୁଆ ଯନ୍ତ୍ର
B. ଏବେ ପ୍ରଚଳିତ ଯନ୍ତ୍ର
C. ସାମରିକ ଯନ୍ତ୍ର
D. ଜ୍ୟାମିତିକ ଯନ୍ତ୍ର

87. 'Failed like a dead duck'

A. ମଲା ବତକ ପରି ପଡିବା
B. କିଛି ରନ ନକରି ବତକ ପରି ପଡିଆ ଛାଡିବା
C. ସମ୍ପୂର୍ଣ ଭାବେ ବିଫଳ ହେବା
D. ବତକ ପରି ଅକୃତକାର୍ଯ୍ୟ ହେବା

88. 'Given the Pink Slip'

A. ଚାକିରୀରେ ପଦୋନ୍ନତି ଦେବା
B. ଗୋଲାପୀ କାଗଜରେ ପ୍ରେମ ନିବେଦନ କରିବା
C. ଚାକିରୀରୁ ବାହାର କରିଦେବା
D. ପ୍ରଶଂସା କରିବା

89. 'Cutting corners'

A. ଧାରକୁ କାଟି ସଳଖ କରିଦେବା
B. ଚତୁରତା ଦେଖାଇବା
C. ଉପଯୁକ୍ତ ଉଦ୍ୟମ ନକରି ସଫଳତା ଖୋଜିବା
D. ସମସ୍ତ ଉଦ୍ୟମ ସହ କାର୍ଯ୍ୟ କରିବା

90. 'Hang in there'

A. ଉଦ୍ୟମ ଜାରି ରଖିବା
B. ସେଠାରେ ଝୁଲାଇବା
C. ସେଠାରେ ଝୁଲି ଆତ୍ମହତ୍ୟା କରିବା
D. ସେଠାରେ ପହଞ୍ଚି ଯୁଦ୍ଧ କରିବା

91. 'Conspiracy requires meeting of mind'

A. ଷଡଯନ୍ତ୍ର ମନରୁ ସୃଷ୍ଟି ହୁଏ

B. ଷଡଯନ୍ତ୍ର ସହମତିରୁ ସୃଷ୍ଟି ହୁଏ

C. ଷଡଯନ୍ତ୍ର ପାଇଁ ବୈଠକ କରାଯାଏ

D. ମଣିଷର ମନ ଷଡଯନ୍ତ୍ରକୁ ଭେଟେ

92. 'See eye to eye'

A. ଆଖିରେ ଆଖି ମିଳାଇବା

B. ଆଖିରେ ଆଖିକୁ ଦେଖିବା

C. ଏକମତ ହେବା

D. ଆଖି ଓ ମନ ମିଳାଇବା

93. What is the meaning of the word 'uncanny'?

A. ବେତ ଭଳି ନୁହେଁ

B. ସ୍ୱାଭାବିକ ଠାରୁ ଭିନ୍ନ

C. ବିରଳ

D. ଅସମ୍ଭବ

94. What is meant by 'anarchism'?

A. ଏକଚ୍ଛତ୍ରବାଦୀ ଶାସନ

B. ଗଣତାନ୍ତ୍ରିକ ଶାସନ

C. ଅତୀତର ଶାସନ

D. ଅରାଜକତା

95. 'Homicide is a heinous crime'.

A. ଆତ୍ମହତ୍ୟା ଏକ ଜଟିଳ ଅପରାଧ

B. ହତ୍ୟା ଏକ ଜଘନ୍ୟ ଅପରାଧ

C. ହତ୍ୟା ଏକ ଧର୍ତ୍ତବ୍ୟ ଅପରାଧ

D. ଆତ୍ମହତ୍ୟା ଏକ ଜଘନ୍ୟ ଅପରାଧ

96. 'Extinction of corner-stone species indicates change of the bio-sphere.'

A. ମୂଳ ପ୍ରଜାତି ଲୋପ ପାଇବା ଜୀବ-ମଣ୍ଡଳ ପରିବର୍ତ୍ତିତ ହୋଇଥିବାର ସୂଚନା ଦିଏ

B. ଜୀବ-ମଣ୍ଡଳର ପଥୁରିଆ ସ୍ଥାନରେ ରହୁଥିବା ପ୍ରଜାତି ଲୋପ ପାଇ ପରିବେଶ ପରିବର୍ତ୍ତିତ ହେବା

C. ଜୀବ-ମଣ୍ଡଳରେ ରହୁଥିବା ତୃଣଭୋଜି ପ୍ରାଣୀ ଲୋପ ପାଇ ପରିବେଶ ପରିବର୍ତ୍ତିତ ହେବା

D. ଜୀବ-ମଣ୍ଡଳର ପରିପାର୍ଶ୍ୱରେ ଥିବା ପ୍ରଜାତି ଲୋପ ପାଇ ପରିବେଶ ପ୍ରଦୂଷିତ ହେବା

97. 'Practising meditation in the tranquil confines of the hills'.

A. ପର୍ବତାଞ୍ଚଳରେ ଧ୍ୟାନ କରି ଶାନ୍ତି ମିଳିବା

B. ପାହାଡର ଶାନ୍ତ ବାତାବରଣରେ ଧ୍ୟାନ କରିବା

C. ଧ୍ୟାନଦ୍ୱାରା ପାହାଡ଼ରେ ଶାନ୍ତିର ବାତାବରଣ ସୃଷ୍ଟି କରିବା

D. ଶାନ୍ତ ମନରେ ପାହାଡକୁ ଯାଇ ଧ୍ୟାନ ମଗ୍ନ ହେବା

98. **'For establishing misappropriation, an Investigating Officer has to first prove money having been entrusted to the accused.'**

A. ଅର୍ଥ ଆତ୍ମସାତ ପ୍ରମାଣ କରିବା ତଦନ୍ତକାରୀ ଅଧିକାରୀର ପ୍ରଥମ ଦାଇତ୍ୱ

B. ଅର୍ଥ ଆତ୍ମସାତ ପ୍ରମାଣ କରିବାକୁ ତଦନ୍ତକାରୀ ଅଧିକାରୀ ପ୍ରଥମେ ପ୍ରମାଣିତ କରିବାକୁ ହୁଏ ଯେ ଆତ୍ମସାତ ଅର୍ଥ ଅଭିଯୁକ୍ତକୁ ଦିଆ ଯାଇଥିଲା

C. ଅର୍ଥ ଆତ୍ମସାତ ପ୍ରମାଣିତ କରିବାକୁ ହେଲେ ତଦନ୍ତକାରୀ ଅଧିକାରୀ ପ୍ରଥମେ ପ୍ରମାଣିତ କରିବା ଆବଶ୍ୟକ ଯେ ଅଭିଯୁକ୍ତ ବିଶ୍ୱାସ ସୃଷ୍ଟି କରିଥିଲା

D. ଅର୍ଥ ଆତ୍ମସାତ ପ୍ରମାଣିତ କରିବାକୁ ତଦନ୍ତକାରୀ ଅଧିକାରୀ ପ୍ରଥମେ ତାଙ୍କୁ ତଦନ୍ତ ଦାଇତ୍ୱ ଦିଆ ଯାଇଥିବା ପ୍ରମାଣିତ କରିବା ଆବଶ୍ୟକ

99. 'Catch-22 situation'

A. ବିପଦ ଜନକ ସ୍ଥିତିର ସମ୍ମୁଖୀନ ହେବା

B. କ୍ୟାଚ୍ କରିବାକୁ ଉଭୟ ଦଳ ସଂଘର୍ଷ କରିବା

C. ତ୍ରିଶଙ୍କୁ ସ୍ଥିତିର ସମ୍ମୁଖୀନ ହେବା

D. ସହଜ ସ୍ଥିତିର ସମ୍ମୁଖୀନ ହେବା

100. 'In dire straits'

A. ସିଧା ରାସ୍ତା ଦେଖିବା

B. ମରୁଭୂମିରେ ହଜିଯିବା

C. କଷ୍ଟ ସ୍ଥିତିର ସମ୍ମୁଖୀନ ହେବା

D. ସହଜରେ ସମସ୍ୟାର ସମ୍ମୁଖୀନ ହେବା